# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ମନୁଷ୍ୟ ନିମନ୍ତେ ଦୁଃଖର ଆରମ୍ଭ




ଲେଖକ: Edward Hughes

ଅନୁବାଦକ: Prasanta Bhuyan

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Tammy S.



କାହାଣି ୬୦ ରୁ ୨

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟେକ ବସ୍ତୁକୁ ନିର୍ମାଣ କଲେ! ଯେତେବେଳେ ପରମେଶ୍ୱର ପ୍ରଥମ ମନୁଷ୍ୟ ଆଦମକୁ ନିର୍ମାଣ କଲେ, ସେ ତାଙ୍କର ଭାର୍ଯ୍ୟା ହବାଙ୍କ ସହିତ ଏଦନ ଉଦ୍ୟାନରେ ବାସକରୁଥିଲେ, ଯେ ପର୍ଯ୍ୟନ୍ତ, ...



1

... ସେମାନେ ସଂପୁର୍ଣ୍ଣ ଆନନ୍ଦରେ ପ୍ରଭୁଙ୍କର ଆଜ୍ଞାପାଳନ କରୁଥିଲେ ଏବଂ ସେମାନେ ପ୍ରଭୁଙ୍କର ଉପସ୍ଥିତିରେ ଆନନ୍ଦ ଉପଭୋଗ କରୁଥିଲେ ଯେଉଁ ଦିନ କି ...



2


ସର୍ପ ନାରୀଙ୍କୁ କହିଲା,
ଆଗୋ, ଏକି ସତ୍ୟ
ଉଦ୍ୟାନର କୌଣସି
ଫଳ ଖାଇବାକୁ
ପରମେଶ୍ୱର
ତୁମ୍ଭମାନଙ୍କୁ ନିଷେଧ
କରିଅଛନ୍ତି, ନାରୀ ସର୍ପକୁ
କହିଲା ଆମ୍ଭେମାନେ
ଉଦ୍ୟାନର ମଧ୍ୟସ୍ଥ
ବୃକ୍ଷର ଫଳକୁ ଛାଡ଼ି
ସମସ୍ତ ବୃକ୍ଷର ଫଳ
ଖାଇପାରୁ ।
3


ହବା ଉତ୍ତର ଦେଲେ ।
ଯଦି ଆମ୍ଭେ ତାହା ଖାଉ
ବା ଛୁଉଁ ତେବେ ଆମ୍ଭେ
ନିଶ୍ଚୟ ମରିବୁ । ସର୍ପ
ନାରୀଙ୍କୁ କହିଲେ
ତୁମ୍ଭେମାନେ କୌଣସି
ରୂପେ ମରିବ
ନାହିଁ ।
4


ବରଂ ତୁମ୍ଭେମାନେ
ପରମେଶ୍ୱରଙ୍କ ପରି
ହେବ । ହବା ସେହି
ବୃକ୍ଷର ଫଳ ପାଇଁ
ବାଞ୍ଛନୀୟ ହେଲେ ।
ହବା ସର୍ପର କଥା
ଶୁଣି ସେହି ବୃକ୍ଷର
ଫଳ ତୋଳି ଖାଇଲା ।
5


ହବା ପରମେଶ୍ୱରଙ୍କ ଆଜ୍ଞା ଅମାନ୍ୟ କଲେ,
ଆଉ ସେ ତାଙ୍କ ସ୍ୱାମିଙ୍କୁ ମଧ୍ୟ ସେହି ବୃକ୍ଷର
ଫଳ ଖାଇବାକୁ ପଥ ଦେଖାଇଲେ ଆଉ
ଆଦମ ମଧ୍ୟ ତାହା ଖାଇଲେ ।
ଆଦମ କହିବାର ଉଚିତ
ଥିଲା ଯେ, ନାହିଁ! ମୁଁ
ପରମେଶ୍ୱରଙ୍କ
ଆଦେଶକୁ
ଅମାନ୍ୟ
କରିବି
ନାହିଁ ।
6


ଯେତବେଳେ ଆଦମ
ଓ ହବା ପାପ କଲେ, ସେମାନେ ନିଜର ଉଲଂଗ୍ନ
ଥିବାର ଜାଣିପାରିଲେ । ତହିଁରେ ସେମାନେ ଡିମ୍ବୁରି ବୃକ୍ଷର
ପତ୍ର ସିଂଇ ଘାଗରା ବନାଇ ପରିଧାନ କଲେ, ଆଉ ସେମାନେ
ପ୍ରଭୁଙ୍କ ଛାମୁରୁ ଉଦ୍ୟାନସ୍ଥ ବୃକ୍ଷଗଣ ମଧ୍ୟରେ ଲୁଚିଲେ ।
7


ସଦାପ୍ରଭୁ ପରମେଶ୍ୱର ସନ୍ଧ୍ୟାର ଶୀତଳ
ସମୟରେ ଏଦନ ଉଦ୍ୟାନକୁ ଆସିଲେ ।
ସଦାପ୍ରଭୁ ପରମେଶ୍ୱର ଜାଣଥିଲେ
ଆଦମ ଓ ହବା ଯାହାକିଛି ପାପ
କରିଥିଲେ । ଆଦମ ହବାଙ୍କୁ ନିନ୍ଦା
କଲେ । ହବା ସର୍ପକୁ ନିନ୍ଦା କଲେ ।
ପରମେଶ୍ୱର କହିଲେ, ସର୍ପ ଅଭିଶପ୍ତ
ହେଲା । ସନ୍ତାନ ପ୍ରସବ କରିବା
ସମୟରେ ସ୍ତ୍ରୀ ଲୋକ
ଯନ୍ତ୍ରଣା ଅନୁଭବ
କରିବେ ।
8


ଆଦମ୍, ପାପ କରିଥିବା ସକାଶୁ
ପରମେଶ୍ୱର କଣ୍ଟା ଏବଂ ବିଶିଷ୍ଟ
କଣ୍ଟକମୟ ଉଭିଦ ସହିତ ପୃଥିବୀକୁ
ଅଭିଶପ୍ତ କଲେ । ତୁମ୍ଭେ କଠିନ
ପରିଶ୍ରମ କରି ମୁଖର ଝାଳ ବୁହାଇଲେ
ହେଁ ଦୈନିକ ଆହାର ପାଇବ ।
9


ସଦାପ୍ରଭୁ ସେମାନଙ୍କୁ ସୌନ୍ଦର୍ଯ୍ୟମୟ
ଏଦନ ଉଦ୍ୟାନରୁ ତଡ଼ିଦେଲେ ।
କାରଣ ସେମାନେ ପାପ କଲେ,
ଆଉ ସେମାନେ
ଜୀବନ ଦାତା
ସଦାପ୍ରଭୁଙ୍କଠାରୁ
ପୃଥକ୍ ହେଲେ!
10


ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ
ତଡ଼ିବାକୁ ଏକ ପ୍ରଜ୍ୱଳିତ ଖଡ୍ଗ ନିର୍ମାଣ
କଲେ । ସଦାପ୍ରଭୁ ଆଦମ ଓ ହବାଙ୍କ
ପାଇଁ ଚ଼ର୍ମର ବସ୍ତ୍ର ପ୍ରସ୍ତୁତ କଲେ ।
କେଉଁଠାରୁ ଏହି
ଚ଼ର୍ମ ସଦାପ୍ରଭୁ
ଆଣିଲେ?
11


ସମୟାନୁ କ୍ରମେ, ଆଦମ ଓ ହବାଙ୍କର ଏକ ପରିବାର ଜାତ ହେଲା ।
ସେମାନଙ୍କର ପ୍ରଥମ ପୁତ୍ର କୟିନ, ସେ କୃଷକ ଥିଲେ । ସେମାନଙ୍କର
ଦ୍ୱିତୀୟ ପୁତ୍ର ହେବଲ, ସେ ମେଷପାଳକ ଥିଲେ । ସମୟାନୁ କ୍ରମେ,
ଦିନେ କୟିନ ସଦାପ୍ରଭୁଙ୍କ ଉଦ୍ଧେଶ୍ୟରେ ଭୂମିରୁ
ଉତ୍ପନ୍ନ ଫଳଆଣି ଉତ୍ସର୍ଗ କଲେ ।
12


ପୁଣି ହେବଲ ମଧ୍ୟ ନିଜ ପଲର ପ୍ରଥମଜାତ କେତେକ ମେଷ ଓ
ସେମାନଙ୍କ ମେଦ ଉତ୍ସର୍ଗ କଲେ । ସଦାପ୍ରଭୁ ହେବଲ ଓ ତାଙ୍କ
ନୈବେଦ୍ୟକୁ ଗ୍ରହଣ କଲେ ।
13


ମାତ୍ର କୟିନଙ୍କୁ ଓ ତାଙ୍କ ନୈବେଦ୍ୟକୁ
ଅଗ୍ରାହ୍ୟ କଲେ । ଏହେତୁ କୟିନ ଅତି କ୍ରୋଧ
କରି ଅଧୋମୁଖ ହେଲେ । କିନ୍ତୁ ପରମେଶ୍ୱର
କୟିନଙ୍କୁ କହିଲେ, ତୁମ୍ଭେ ଯଦି ସତ୍କର୍ମ କଲ,
ତୁମ୍ଭେ କି ଗ୍ରହ୍ୟ ହୋଇନଥାନ୍ତ?
14

କୟିନଙ୍କର କ୍ରୋଧ ଗତ ହେଲାନାହିଁ । କଛି
ସମୟ ପରେ, ସେମାନେ କ୍ଷେତରେ ଥିବା
ବେଳେ କୟିନ ଆପଣା ଭାଇ ହେବଲଙ୍କୁ
ଆକ୍ରମଣ କରି ବଧ କଲା !



15

ସଦାପ୍ରଭୁ ପରମେଶ୍ୱର କୟିନଙ୍କୁ ପଚ଼ାରିଲେ,
ତୁମ୍ଭ ଭାଇ ହେବଲ କେଉଁଠାରେ ସେ
କହିଲେ, ମୁଁ ଜାଣେ ନାହିଁ, କୟିନ ମିଥ୍ୟା
କହିଲେ । ମୁଁ କ'ଣ ମୋ ଭାଇର ରକ୍ଷକ
ଆଉ ପରମେଶ୍ୱର କୟିନଙ୍କୁ ତାଙ୍କର
କୃଷିକର୍ମର ଦକ୍ଷତା ହରଣ କରି ଦଣ୍ଡ
ପୃଥିବୀରେ ତୁମ୍ଭେ ପୃଥିବିରେ ପଳାତକ ଓ
ଭ୍ରମଣକାରୀ ହେବ ।



16

ଆଉ ପ୍ରଭୁଙ୍କ ସମ୍ମୁଖରୁ ଗୁପ୍ତ ରହିଲେ ଏବଂ
ସେହିସ୍ଥାନରୁ ପ୍ରସ୍ଥାନ କଲେ । ପୁଣି ସେ ଆଦମ
ଓ ହବାଙ୍କର ପୁତ୍ର କନ୍ୟାକୁ ବିବାହ କଲେ ।



17

ପୁଣି ସେମାନେ ଏକ ପରିବାର ହୋଇ ବଂଶବୃଦ୍ଧି ପ୍ରାପ୍ତ
କଲେ । ଅତିଶିଘ୍ର କୟିନଙ୍କର ନାତି, ନାତୁଣି, ବଡ଼
ନାତି ଏବଂ ନାତୁଣିମାନେ କଇନଙ୍କ ଆବିଷ୍କାର
କରିଥିବା ନଗରରେ ପରିପୂର୍ଣ୍ଣ ହେଲେ ।



18

ଇତିମଧ୍ୟରେ, ଆଦମ ଏବଂ ହବାର ପରିବାର
ବହୁଶିଘ୍ର ବୃଦ୍ଧିପ୍ରାପ୍ତ ହେଲା । ସେହି ସମୟର
ଲୋକମାନେ ଆଜିକାର ଲୋକମାନଙ୍କ ଅପେକ୍ଷା
ଅନେକ ବର୍ଷ ଧରି ଜୀବିତ ରହି ପାରୁଥିଲେ ।



19

ଯେତେବେଳେ ତାଙ୍କ ପୁତ୍ର ସେଥ ଜନ୍ମ ହେଲା, ହବା କହିଲେ,
ପରମେଶ୍ୱର ମୋତେ ହେବଲଙ୍କ ସ୍ଥାନରେ ଏକ ପୁତ୍ର
ପ୍ରଦାନ କରିଛନ୍ତି । ଶେଥ ଏକ ଧାର୍ମୀକ ବ୍ୟକ୍ତି ଥିଲେ,
ଯିଏ ସର୍ବମୋଟ ୯୧୨ ବର୍ଷ ଜୀବିତ ରହିଥିଲେ ଏବଂ
ତାଙ୍କର ଅନେକ ସନ୍ତାନ ସନ୍ତତି ଥିଲେ ।



20













ମନୁଷ୍ୟ ନିମନ୍ତେ ଦୁଃଖର ଆରମ୍ଭ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୩-୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।